# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , କୋରାପୁଟ

## ( ସମାଜ କଲ୍ୟାଣ ବିଭାଗ )

### ଆଗ୍ରହ ର ଅଭିବ୍ୟକ୍ତି ( Expression of Interest )

ପତ୍ର ସଂଖ୍ୟା 2386 /୨୦୨୧ ତାରିଖ 2/12/21

ପରିପୂରକ ପୁଷ୍ଟି ସାଧନ କାର୍ଯ୍ୟକ୍ରମ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ନିମ୍ନ ଉଲ୍ଲିଖିତ ବ୍ଲକ / ଆଇ.ସି.ଡି.ଏସ ପ୍ରକଳ୍ପର ପଂଚାୟତ / ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ପଞ୍ଜୀକୃତ ଗର୍ଭବତୀ ମହିଳା, ପ୍ରସୂତି ମା, ୬ ମାସରୁ ୩ ବର୍ଷର ଶିଶୁ, ୩ ବର୍ଷରୁ ୬ ବର୍ଷ ର ଅତିଶୟ ପୁଷ୍ଟିହୀନ ଶିଶୁ ଏବଂ ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ୧୦-୧୪ ବର୍ଷର କିଶୋରୀ ବାଳିକାଙ୍କୁ ଗୃହକୁ ନେବା ଶୁଖିଲା ଖାଦ୍ୟ ବା ପଡି ( THR ) ଯଥା :-ଛତୁଆ , ହାଲୁଆ ନିମନ୍ତେ ଶୁଖିଲା ପଡି , ବାଦାମ ଓ ରାଶି ଲଡୁ ଏବଂ ବେସନ / ଅଟା ଏବଂ ବେସନ ଲଡୁ ସମାନତା ଏବଂ ଗୁଣବତ୍ତା ରହିତ ସାମଗ୍ରୀ ମାନ ଯୋଗାଇଦେବା ପାଇଁ ଇଚ୍ଛୁକ ମହିଳା ସ୍ୱୟଂ ସହାୟକ ଦଳ ମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ମହିଳା ସ୍ୱୟଂ ସହାୟକ ଦଳ ଧାର୍ଯ୍ୟ ନିଯମାବଳୀକୁ ନିଶ୍ଚିତ ପୂର୍ବକ ଆବେଦନ ପତ୍ର କୁ ତା 20.12.2021 ରିଖ ସମୟ ଅପରାହ୍ନ ଘ. 0୫.00 ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ,କୋରାପୁଟ ଙ୍କ ନିକଟରେ Speed Post / Courier Post ମାଧ୍ୟମରେ ଦାଖଲ କରିବେ । କୌଣସି ଆବେଦନ ପତ୍ର ଧାର୍ଯ୍ୟ ତାରିଖ ପରେ ଗ୍ରହଣ କରାଯିବ ନାହିଁ ।

ଏହାର ବିସ୍ତୃତ ବିବରଣୀ ଜିଲ୍ଲା website www.koraput.nic.in ଓ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ, ଓଡିଶା website ରେ ଉପଲବ୍ଧ ।

କ. ଦରଖାସ୍ତ ଜାରି କରିବା ତାରିଖ 02-12-2021

ଖ. ଦରଖାସ୍ତ ଗ୍ରହଣ ର ଶେଷ ତାରିଖ 20-12-2021 ସମୟ ଅପରାହ୍ନ ଘଂ ୦୫.୦୦ ଟା

ଗ. ଜିଲ୍ଲା ସ୍ତରୀୟ କମିଟି ଦ୍ୱାରା ଜଉମୁଦ ଦରଖାସ୍ତ ଖୋଲାଯିବା ତାରିଖ 24.12.2021 ପୂର୍ବାହ୍ନ ଘଂ ୧୧.୦୦ ଟା

| କ୍ରମିକ ସଂଖ୍ୟା | ଆଇ.ସି.ଡି.ଏସ ପ୍ରକଳ୍ପର ନାମ | ଗ୍ରାମ ପଞ୍ଚାୟତର ନାମ | ଅଙ୍ଗନୱାଡି କେନ୍ଦ୍ରର ସଂଖ୍ୟା |
|---|---|---|---|
| ୧ | ପଟାଙ୍ଗି | ଶୁଙ୍କି , ପେଟୁ , ଅମ୍ପାବାଲି , ତଳ ଗୋଲୁରୁ , ରାଲେଗାଡା , ଚନ୍ଦକା , ଗାଙ୍ଗରାଜପୁର | ୮୯ |
| ୨ | ନନ୍ଦପୁର | ଗୋଲୁରୁ , ପାକୁଲୁଙ୍ଗ , ପରଜା ବଡପଡ଼ା , କୁଲାରସିଂ , ବିଲାପୁଟ , ବାଡେଲ , ଅତଣ୍ଡା | ୮୦ |
| ୩ | ସେମିଳିଗୁଡା | ସୁବାଇ , ଗୁଣ୍ଡାପୁଟ , ରାଜପୁଟ , ରାଜପୋଲମା , ଦଳେଇଗୁଡା , ପାକଝଲା | ୮୧ |
| ୪ | ବୈପାରିଗୁଡ଼ା | ଚିପାକୁର , ତେନ୍ତୁଳିଗୁମା , ଦଣ୍ଡାବାଡି , ରାମଗିରି , ପେଣ୍ଡାପଡା , ବାଲିଗାଁ , ଚେରକା , ହଳଦୀକୁଣ୍ଡ | ୧୨୪ |

ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,
କୋରାପୁଟ

Contd.... P/2.

ଆବେଦନ ପତ୍ର :

| | |
|---|---|
| ୧. | ମହିଳା ସ୍ୱୟଂ ସହାୟକ ଦଳର ନାମ ଓ ଠିକଣା : |
| ୨. | ସ୍ଥାୟୀ ଠିକଣା ବିବରଣୀ : |
| ୩. | ଦଳ ଗଠନର ତାରିଖ : |
| ୪. | ସଭ୍ୟା ସଂଖ୍ୟା : |
| ୫. | ଦଳ ର ଅଧିକୃତ ଅଧିକାରୀ ଙ୍କ ଦ୍ୱାରା ମୂଲ୍ୟାୟନ ହୋଇଥିବା ବିଭାଗୀକରଣର ପ୍ରକାର ( ହଁ/ ନାହିଂ)<br>( ପ୍ରମାଣପତ୍ର ର ସଂଯୋଗ ) : |
| ୬. | ଯଦି ହଁ, ତେବେ କେଉଁ ଗ୍ରେଡର ଏବଂ ଶେଷ ଗ୍ରେଡେସନ ର ତାରିଖ : |
| ୭. | ଦଳ ଦ୍ୱାରା ଗ୍ରହଣ କରାଯାଇଥିବା ବର୍ତ୍ତମାନର ରୋଜଗାର ଭିତ୍ତିକ କାର୍ଯ୍ୟ ସମ୍ବନ୍ଧୀୟ ବିବରଣୀ |
| ୮. | ଦଳ ଦ୍ୱାରା ଖୋଲାଯାଇଥିବା ବ୍ୟାଙ୍କ ସଞ୍ଚୟ ଖାତା ର ନମ୍ବର, ବ୍ୟାଙ୍କ ଶାଖା ର ନାମ IFSC ( Xerox copy ) |
| ୯. | ତା.......................... ରିଖ ସୁଦ୍ଧା ଜମା ରାଶିର ପରିଣାମ |
| | ବ୍ୟାଙ୍କ ଖାତା : |
| | ନଗଦ ଟଙ୍କା : |
| | ମୋଟ : |
| 10. | ଦଳ ଦ୍ୱାରା ନିୟମିତ କାର୍ଯ୍ୟକ୍ରମ ର ବିବରଣୀ |
| | (କ) ନିୟମିତ ସଞ୍ଚୟ ହିସାବ ଖାତା ( ହଁ/ନାହିଁ ) : |
| | (ଖ) ନିୟମିତ ( ମାସିକ ) ବୈଠକ ବିବରଣୀ ଖାତା ( ହଁ/ ନାହିଁ ) : |
| | (ଗ) କ୍ୟାଶ ବହି ଓ ଆବଶ୍ୟକୀୟ ନଥି ପତ୍ର ପ୍ରସ୍ତୁତ ( ହଁ/ ନାହିଁ ) : |
| | (ଘ) ବ୍ୟକ୍ତିଗତ ସଭ୍ୟା ରେଜିଷ୍ଟର / ଆଭ୍ୟନ୍ତରୀଣ ଋଣ ପ୍ରଦାନ ର ରେଜିଷ୍ଟର ( ହଁ / ନାହିଁ ) : |
| | (ଙ) ସଭ୍ୟା ମାନଙ୍କର ବ୍ୟକ୍ତିଗତ ସଞ୍ଚୟ ପାସ ବହି ର ଯୋଗାଣ ( ହଁ / ନାହିଁ ) : |

Contd... P/3

| ସଭ୍ୟା ମାନଙ୍କ ନାମ | ସଞ୍ଚୟ ପାସ ବହି ନମ୍ବର |
|---|---|
| ୧. | |
| ୨. | |
| ୩. | |
| ୪. | |
| ୫. | |
| ୬. | |
| ୭. | |
| ୮. | |
| ୯. | |
| ୧୦. | |

| | |
|---|---|
| ୧୧. THR ଉତ୍ପାଦନ କିମ୍ବା ତତ ସମ୍ବନ୍ଧୀୟ ଖାଦ୍ୟ ଦ୍ରବ୍ୟର ପୂର୍ବ ଅଭିଜ୍ଞତା ସମ୍ବନ୍ଧରେ ବିବରଣୀ | |
| ୧୨. ଦଳ ର ନିଜସ୍ୱ THR ଉତ୍ପାଦନ ଏବଂ ସଁରକ୍ଷଣ ପାଇଁ ପର୍ଯ୍ୟାପ୍ତ ସ୍ଥାନ, ଅତ୍ୟାବଶ୍ୟକ ଉପକରଣ ଓ ନିମ୍ନଲିଖିତ ଯନ୍ତ୍ରପାତି ପ୍ରସ୍ତୁତ ଅଛି ( ହଁ/ ନାହିଁ ) | |
| କ) ରୋଷ୍ଟର ମେସିନ ( ଭାଜିବା ) | |
| ଖ) Grinding ମେସିନ ( ପେଷାଇବା) | |
| ଗ) ପ୍ୟାକେଟ ସିଲାଇ ମେସିନ | |
| ଘ) ଚିନି Grinding ମେସିନ | |
| ଙ) ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ | |
| ୧୩. FSSAI Act ( Food License ) ଅଧିନସ୍ଥ ଲାଇସେନ୍ସ ପ୍ରାପ୍ତ କରିଛନ୍ତି କି ନାହିଁ ? ଯଦି ହଁ ,ତେବେ FSSAI Act License No ଏବଂ ଅବଧି ତାରିଖ : | |
| ୧୪. ସଭାନେତ୍ରୀ ଙ୍କ ନାମ ଓ ମୋବାଇଲ ନମ୍ବର : | |
| ସମ୍ପାଦିକା ଙ୍କ ନାମ ଓ ମୋବାଇଲ ନମ୍ବର : | |

ସଭାନେତ୍ରୀ ( ସ୍ୱାକ୍ଷର )

ସମ୍ପାଦିକା ( ସ୍ୱାକ୍ଷର )

ତାରିଖ

ଦଳର ମୋହର

Contd....P/4

**ସ୍ୱୟଂ ସହାୟକ ଦଳର ମୂଲ୍ୟାୟନ**

୧) ମହିଳା ସ୍ୱୟଂ ସହାୟକ ଦଳ ସଠିକ ଭାବରେ ଗଠନ କରାଯାଇଥିବା | ଅଧିବେଶନ ପରିଚାଳନା , ନେତ୍ରୀ ନିର୍ବାଚନ ନିୟମାବଳୀ ପ୍ରଣୟନ , ସଞ୍ଚୟ , ଆଭ୍ୟନ୍ତରିଣ ଋଣ କାରୋବାର ଇତ୍ୟାଦି ନିୟମିତ ଭାବରେ ବ୍ୟବସ୍ଥିତ ରହିବା ଆବଶ୍ୟକ |

୨) ମହିଳା ସ୍ୱୟଂ ସହାୟକ ଦଳ ନିୟମିତ ବ୍ୟବଧାନରେ ଅଧିକୃତ ଅଧିକାରୀଙ୍କ ଦ୍ୱାରା ମୂଲ୍ୟାୟନ (ପ୍ରତି ୬ ମାସ ମଧ୍ୟରେ ) କରାଯାଇ ଶ୍ରେଣୀଭୁକ୍ତ (ଗ୍ରେଡିଂ ) ହୋଇଥିବା ଆବଶ୍ୟକ |

୩) ମହିଳା ସ୍ୱୟଂ ସହାୟକ ଦଳ ଟିଏଚଆର ଉତ୍ପାଦନ ଓ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଏବଂ ଅତ୍ୟାବଶ୍ୟକୀୟ ଉପକରଣ , ଯନ୍ତ୍ର-ପାତି , ବିଦ୍ୟୁତ ସଂଯୋଗ ରହିଥିବା ଜରୁରୀ |

୪) ମହିଳା ସ୍ୱୟଂ ସହାୟକ ଦଳ ନିଜର ଯନ୍ତ୍ର-ପାତି ଏବଂ ଘର ନିଜସ୍ୱ ହୋଇଥିବ | ଯଦି ଦଳର ନାମରେ ଜମି ,କୋଠା ,ନିଜର କିମ୍ବା ଲିଜ ଭୁକ୍ତ କିମ୍ବା ଭଡା ସୂତ୍ରରେ ହୋଇଥିବ ତେବେ ଉପଯୁକ୍ତ ସଠିକ ନଥି – ପତ୍ର ର ପ୍ରମାଣ ପତ୍ର ସହିତ ଘୋଷଣାପତ୍ର ଦାଖଲ କରିବେ |

୫) ଇଚ୍ଛୁକ ଦଳ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କ୍ଷେତ୍ର ମଧ୍ୟରେ ଅବସ୍ଥିତ ହୋଇଥିବା ଦରକାର |

୬) ଗୋଷ୍ଠୀ ଶୁଖିଲା ଖାଦ୍ୟ (THR) ର ପ୍ରସ୍ତୁତି ଏବଂ ଯୋଗାଣ ପାଇଁ ସରକାରଙ୍କ ନିୟମାବଳୀ ପୂର୍ବକ କର୍ତ୍ତୃପକ୍ଷ ଙ୍କ ସହ ଚୁକ୍ତି ପତ୍ର ସମ୍ପାଦନ କରିବେ | ନିୟମାବଳୀ ଅନୁଯାୟୀ ଜିଲ୍ଲାପାଳ କୋରାପୁଟ ଉକ୍ତ ଚୁକ୍ତିପତ୍ର ର ନବୀକରଣ / ରଦ୍ଦ କରିବାର ନିଷ୍ପତ୍ତି ନେବେ |

୭) ନବୀକରଣ ପୂର୍ବରୁ ସମ୍ପୃକ୍ତ ମହିଳା ସ୍ୱୟଂ ସହାୟକ ଦଳ କୁ ମୂଲ୍ୟାୟନ କରାଯିବ | ଏହି ମୂଲ୍ୟାୟନ ପ୍ରତ୍ୟେକ ବର୍ଷ ଫେବୃଆରୀ ମାସଠାରୁ ଆରମ୍ଭ ହୋଇ ପରବର୍ତ୍ତୀ ବର୍ଷ ୩୧ ମାର୍ଚ୍ଚ ସୁଦ୍ଧା ଶେଷ ହେବ ଏବଂ ପୁନଃ କାର୍ଯ୍ୟକାଳ ର ଅବଧି ସମ୍ପର୍କରେ ବିଚାର କରାଯିବ |

୮) ମହିଳା ସ୍ୱୟଂ ସହାୟକ ଦଳ ଶୁଖିଲା ପଡି ଖାଦ୍ୟ ଯଥା ଛତୁଆ ର ମିଶ୍ରଣ ଓ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ଉପକରଣ ଓ ଯନ୍ତ୍ରପାତି , ପ୍ୟାକିଙ୍ଗ ପ୍ରସ୍ତୁତି , ଯୋଗାଣ ସମ୍ବନ୍ଧୀୟ ସଠିକ ଅଭିଜ୍ଞତା ଥିଲେ ମନୋନୟନ ରେ ଅଗ୍ରାଧିକାର ଦିଆଯାଇପାରେ |

୯) ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ମାନ , ନିର୍ଦ୍ଦେଶିତ ଭାଗ ମାପ ଅନୁଯାୟୀ ଶୁଖିଲା ପଡି ଖାଦ୍ୟ (THR) ପ୍ରସ୍ତୁତ କରିବେ | ସମସ୍ତ କଞ୍ଚାମାଲ , ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ କୁ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟ କର ପରିବେଶରେ ଗଚ୍ଛିତ କରିବେ |

୧୦) ଦଳ ନିର୍ଦ୍ଧାରିତ ପଡିର ମୂଲ୍ୟ ଅନୁଯାୟୀ THR ସମୂହ ର ପ୍ରସ୍ତୁତି ,ପରିବହନ ,ଆବଶ୍ୟକୀୟ ସମସ୍ତ ସାମଗ୍ରୀ (ଗହମ ବ୍ୟତୀତ ) ସଂଗ୍ରହ କରିବେ ଏବଂ ସେମାନଙ୍କର ପ୍ରାପ୍ୟ , ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ରହିତ କାର୍ଯ୍ୟାଳୟ ରୁ ଗ୍ରହଣ କରିବେ |

୧୧) ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ବିଭାଗ ଦ୍ୱାରା ଜାରି କରାଯାଇଥିବା "ଗୃହ କୁ ନେବା ଶୁଖିଲା ଖାଦ୍ୟ (THR ) କାର୍ଯ୍ୟକାରୀ ହେବ ପାଇଁ ପରିବର୍ତ୍ତିତ ନିର୍ଦ୍ଦେଶାବଳି – ୨୦୧୮" ସର୍ତ୍ତାବଳୀ ଏବଂ Secuirity Deposit ର ପରିମାଣ WSHG ପାଳନ କରିବା ପାଇଁ ବାଧ୍ୟ ଏବଂ ତଦନୁଯାୟୀ ଅମାନତ ଟଙ୍କା ପ୍ରଦାନ କରିବା ପାଇଁ ବାଧ୍ୟ ଅଟେ |

୧୨) କୌଣସି ସମୟ ରେ କୌଣସି ପ୍ରସଙ୍ଗ କୁ ନେଇ ଯଦି ଦ୍ୱନ୍ଦ ଉପୁଜେ ତେବେ ଜିଲ୍ଲାପାଳ କୋରାପୁଟଙ୍କ ନିକଟରେ ଅଭିଯୋଗ ଦାଖଲ କରି ପାରିବେ ଏବଂ ନିର୍ଦ୍ଦେଶକ , ସମାଜ କଲ୍ୟାଣ , ଓଡିଶା କିମ୍ବା ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ନିକଟରେ ଅପିଲ କରି ପାରିବେ | ସମ୍ପୃକ୍ତ ଅଧିକାରୀଙ୍କ ମତାମତ ଶେଷ ମତାମତ ହେବ ଯାହାକି ପକ୍ଷ ଭୁକ୍ତ ଦଳ ଗ୍ରହଣ କରିବାକୁ ବାଧ୍ୟ ଅଟନ୍ତି |

ସଭାନେତ୍ରୀ / ସମ୍ପାଦିକା

____________________ WSHG

ତାରିଖ ____________________

ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ
କୋରାପୁଟ

Contd... P/5

**ଆବେଦନ ପତ୍ର ର ଘୋଷଣା ନାମା**

ଆମ୍ଭେ ________________________________ (ଦଳ ର ନାମ ) ର ନିମ୍ନ ସ୍ୱାକ୍ଷର କାରିଣୀ ସଭ୍ୟା ମାନେ ଘୋସ କରୁଅଛୁ କି ଉପରଲିଖିତ ତଥ୍ୟ / ବିବରଣୀ ଆମ୍ଭ ଜ୍ଞାନ୍ତ ସାର ରେ ସମ୍ପୂର୍ଣ ସତ୍ୟ ଅଟେ |

ଆମ୍ଭ ଦଳ ସରକାର ଙ୍କ ଦ୍ୱାରା ଧାର୍ଯ୍ୟ ମାର୍ଗଦର୍ଶିକାର ଉଲଂଘନ କାର୍ଯ୍ୟ ରୁ ଅବହେଳା କଲେ କିମ୍ବା ପରବର୍ତୀ ସମୟରେ ଉଲ୍ଲିଖିତ ତଥ୍ୟ ମିଥ୍ୟା ପ୍ରମାଣିତ ହେଲେ ଆମ୍ଭ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ |

ସଭାନେତ୍ରୀ (ସ୍ୱାକ୍ଷର)

ସମ୍ପାଦିକା (ସ୍ୱାକ୍ଷର)

ତାରିଖ -

ଦଳର ମୋହର –

ସଭ୍ୟା ମାନଙ୍କର ସ୍ୱାକ୍ଷର - (୧)

(୨)

(୩)

(୪)

(୫)

(୬)

(୭)

(୮)

(୯)

(୧୦)